## ସଂକ୍ଷେପରେ

### ତାତିଲେ ଚାଷୀ, ଲ୍ୟାମ୍ପ ଅଧ୍ୟକ୍ଷଙ୍କ ସହ ଧସ୍ତାଧସ୍ତି



ପାଣ୍ଡ୍ରିପାଣି,୨୬।୧୨ (ଡି.ଏନ୍.ଏ.): ମାଲକାନଗିରି ଜିଲା ପାଣ୍ଡ୍ରିପାଣିର ସେରପାଲି ପଞ୍ଚାୟତରେ ହୋଇଥିବା ଧାନମଣ୍ଡିରେ ବିଭିନ୍ନ ସମସ୍ୟା ଓ ଦଲାଲଙ୍କ ଶୋଷଣ ଯୋଗୁ ଚାଷୀଙ୍କ ମଧ୍ୟରେ ଅଶାନ୍ତି ଦେଖାଯାଉଛି। ପ୍ରତି ସପ୍ତାହରେ ଥରେ ଏହି ମଣ୍ଡିରେ ଧାନ କ୍ରୟ କରାଯାଉଛି। ତେବେ ନାମ ପଞ୍ଜୀକରଣ କରିଥିବା ଅନେକ ଚାଷୀ ଟୋକନ ନ ପାଇ ଗୁରୁବାର ମଣ୍ଡିକୁ ଆସି ଲ୍ୟାମ୍ପ କର୍ମଚାରୀ ଓ ଲ୍ୟାମ୍ପ ଅଧ୍ୟକ୍ଷଙ୍କୁ ଘେରାଉ କରିଥିଲେ। ତାଙ୍କୁ ଟୋକନ ବିଷୟରେ ପଚାରିବାରୁ ସେ ଜାଣି ନ ଥିବା କହିବାରୁ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଠେଲାପେଲା କରିଥିଲେ। ସେଠାରେ ଅଧ୍ୟକ୍ଷଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଆମ ଧାନ ଯଦି ଲ୍ୟାମ୍ପ କିମ୍ବା ମିଲରମାନେ ଉଠାଇବେ ନାହିଁ ତାହାହେଲେ ଆମେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ଦଶରଥ ଡୁରୁକା କହିଛନ୍ତି ଯେ, ଗତ ବର୍ଷ ପରି ଚଳିତବର୍ଷ ମଧ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦଲାଲମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ନ ନେଇ ଚୁପ୍ ରହିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

### ଚିହ୍ନଟ ହୋଇପାରୁନି ପୁଅର ରୋଗ ଦିଶାରୀ ଭରସାରେ ଚାଲିଛି ଚିକିତ୍ସା

ପଡିଆ, ୨୬।୧୨(ଡି.ଏନ.ଏ.): ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ବଦଲି ଗ୍ରାମର ଭିମା ପଡିଆମିଙ୍କ ୯ବର୍ଷର ପୁଅ ଗଣେଶ ପଡିଆମି। ଯେଉଁ ବୟସରେ ସେ ସାଙ୍ଗସାଥୀଙ୍କ ସହ ଖେଳକୁଦରେ ସମୟ କାଟିବା କଥା ସେ ସମୟରେ ସେ ରୋଗରେ ଶର୍ଯାଶାୟୀ ହୋଇପଡିଛନ୍ତି। ଚିନ୍ତାରେ ଭାଙ୍ଗିପଡିଥିବା ପରିବାର ଲୋକେ ବିଭିନ୍ନ ଡାକ୍ତରଖାନାକୁ ତାଙ୍କୁ ଚିକିତ୍ସା ପାଇଁ ନେଇ ନିରାଶ ହୋଇଛନ୍ତି। ଶେଷରେ ଜଣେ ଗୁଣିଆଙ୍କ ଉପରେ ତାଙ୍କ ପୁଅର ଭମବିଷ୍ୟତ ଛାଡି ଦେଇଛନ୍ତି। ପ୍ରଥମେ ଗଣେଶଙ୍କୁ ସାମାନ୍ୟ ଜର ହୋଇ ପରେ ଯନ୍ତ୍ରଣା ବଢିବାକୁ ଲାଗିଲା। ଭିମାଙ୍କ ଆର୍ଥିକ ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ସେ ପୁଅକୁ ବିଭିନ୍ନ ସ୍ଥାନକୁ ନେଇ ଚିକିତ୍ସା କରାଇଥିଲେ। ତେବେ କେଉଁଠି ହେଲେ ପ୍ରକୃତ ରୋଗ ଚିହ୍ନଟ ହୋଇପାରି ନ ଥିଲା। ଗତ ପ୍ରାୟ ଏକ ମାସ ଧରି ଭିମା ପୁଅକୁ ନେଇ ପଡିଆ ବ୍ଲକର ନିଲିଗୁଡାରେ ଜଣେ ଦିଶାରୀଙ୍କ ଘରେ ରଖି ଦେଶୀ ପଦ୍ଧତିରେ ଚିକିତ୍ସା କରାଉଛନ୍ତି। ଏପରି ସ୍ଥଳେ ପ୍ରାଶାସନ, କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ସହଯୋଗ କଲେ ତାଙ୍କ ପୁଅକୁ ବାହାର ରାଜ୍ୟକୁ ନେଇ ଉପଯୁକ୍ତ ଚିକିତ୍ସା କରିପାରନ୍ତେ ବୋଲି କହିଛନ୍ତି ଭୀମା। ଏହି ଗରିବ ପରିବାର ପ୍ରତି ଜିଲା ପ୍ରଶାସନ ସହାୟତାର ହାତ ବଢାଇବାକୁ ସାଧାରଣରେ ଦାବି ହେଉଛି।

### କୀଟନାଶକ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୨୬।୧୨(ସ୍ୱ.ପ୍ର): ଗଜପତି ଜଲା ଗୁରାଣ୍ଡି ଥାନା ଅଧୀନ ବାଘଶାଳା ପଞ୍ଚାୟତ ସଦରରେ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗଣେଶ ଜେନା(୬୫)। ଘଟଣାରୁ ପ୍ରକାଶ ଯେ, ବୁଧବାର ଅପରାହ୍ନରେ ସେ କୌଣସି କାରଣରୁ କୀଟନାଶକ ପିଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ଜାଣିପାରି ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି। ଏ ନେଇ ଗୁରାଣ୍ଡି ଥନା ନଂ-୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଏଏସ୍ଆଇ ଅଭିମନ୍ୟୁ ପଲେଇ କହିଛନ୍ତି।

### ଘରେ ପଶିଲା ଟ୍ରକ୍

କୋଲନରା,୨୬।୧୨(ଡି.ଏନ୍.ଏ.): ରାୟଗଡା ଜିଲା କୋଲନରା ବ୍ଲକ ଥେରୁବାଲିରେ ଥିବା ଏକ ଘରେ ଟ୍ରକ ଭାରସାମ୍ୟ ହରାଇ ପଶିଯାଇଛି । ଫଳରେ ଉତ୍ତମ ଦତ୍ତଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଅନନ୍ତ ମଣ୍ଡଳଙ୍କ ଘର ଫାଟିଯାଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । ଖବରପାଇ ଥେରୁବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

# ଚାଲିଗଲେ ଅଜା, ଏକା ହୋଇଗଲା ଚନ୍ଦନ

ଜୟପୁର,୨୬।୧୨(ଡି.ଏନ୍.ଏ.)

- ଭଙ୍ଗାଘରେ ରହୁଛି, ଗାଁଲୋକେ ଦେଲେ ଖାଉଛି
- ପ୍ରଶାସନ ତା'ର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ନିବେଦନ

ମାତ୍ର ୨ ବର୍ଷ ହୋଇଥିବା ବେଳେ ଅଜା ପାଖରେ ରହିଆସୁଥିଲା ଚନ୍ଦନ ପରଜା। କିନ୍ତୁ ଗତ ସୋମବାର ହଠାତ୍ ଅଜାଙ୍କ ମୃତ୍ୟୁ ପରେ ଏକା ଓ ଅସହାୟ ହୋଇପଡ଼ିଛି ୫ ବର୍ଷର ଏହି ନାବାଳକ। ବର୍ତ୍ତମାନ ସେ କାହା ପାଖରେ ରହିବ, କ'ଣ ଖାଇବ, ତାହାର ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଗ୍ରାମବାସୀ।

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ମହୁଲି ପଞ୍ଚାୟତ କୁମ୍ଭାରଗୁଡ଼ା ଗ୍ରାମର ମା' ଡମୁଣୀ ପରଜାଙ୍କ ପୁଅ ଚନ୍ଦନ। ଛୁଆକୁ ଛାଡ଼ିଦେଇ ଡମୁଣୀ ୩ ବର୍ଷ ତଳୁ ହାଇଦ୍ରାବାଦକୁ କାମ କରିବା ପାଇଁ



୫ ବର୍ଷୀୟ ଚନ୍ଦନ ପରଜା।

ଯାଇଥିଲେ। ସେବେଠାରୁ ଆଉ ଘରକୁ ଫେରିନାହାନ୍ତି। ତାଙ୍କର ଖୋଜ ଖବର ନାହିଁ। ବାପାଙ୍କର ତ ପୂର୍ବରୁ କିଛି ଖବର ନ ଥିଲା। ତେଣୁ ଅଜା ବୁଟି ପରଜା (୬୫)ଙ୍କ ପାଖରେ ନାବାଳକ ଚନ୍ଦନ ରହିଆସୁଥିଲା। କିଛି ମାସ ତଳେ ବୁଟି ଅସୁସ୍ଥ ହେବା ପରେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଶେଷରେ ଗତ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକ ପରେ ଅଜାଙ୍କ ଭଙ୍ଗାରୁଜା ଘରେ ରହୁଛି ଚନ୍ଦନ। ଗ୍ରାମର କେତେକ ବ୍ୟକ୍ତି ତାକୁ ଖାଇବାକୁ ଦେଉଛନ୍ତି। ଚନ୍ଦନର ୧୬ ବର୍ଷୀୟ ଜଣେ ମାମୁ ଅଛନ୍ତି ଯିଏ ଅନ୍ୟ ପାଖରେ କୁଲି କାମ କରି ଚଳୁଛନ୍ତି। ତେଣୁ ଚନ୍ଦନଙ୍କ ଭରଣପୋଷଣ କିଏ କରିବ, ତାହା ଏବେ ବଡ଼ ପ୍ରଶ୍ନ। କୌଣସି ଅନୁଷ୍ଠାନ କିମ୍ବା ପ୍ରଶାସନ ଚନ୍ଦନଙ୍କ ଶିକ୍ଷା ଓ ଗୁଜୁରାଣ ଦାୟିତ୍ୱ ନେବା ପାଇଁ ଗ୍ରାମର କେଦାରଗୌରୀ ଦାଶ, ସୁନା ପରଜା, ଜଗା ପରଜା, ପୂର୍ଣ୍ଣ ପରଜା ନିବେଦନ କରିଛନ୍ତି। ଏନେଇ ଶିଶୁ କଲ୍ୟାଣ ସମିତି ଅଧକ୍ଷା ଡ. ଗାୟତ୍ରୀ ଦେବୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଚାଇଲ୍ଡ ଲାଇନ କର୍ମଚାରୀ ଶୁକ୍ରବାର ଉକ୍ତ ଗାଁକୁ ଯାଇ ନାବାଳକଙ୍କୁ ଉଦ୍ଧା କରିବେ। ଏହାପରେ ତାଙ୍କର ସମସ୍ତ ବ୍ୟବସ୍ଥା ପ୍ରଶାସନ କରିବ।

## ■ ବିଜେଡି ପ୍ରତିଷ୍ଠା ଦିବସ

# ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ଶପଥ



ଜୟପୁରରେ ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଜୟପୁର,୨୬।୧୨(ଡି.ଏନ୍.ଏ./ନି.ପ୍ର.)

ଜୟପୁରରେ ଗୁରୁବାର ବିଜୁ ଜନତା ଦଳର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସଭାରେ ଦଳୀୟ କର୍ମୀ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଶପଥ ନେଇଛନ୍ତି। ବରିଷ୍ଠ ସଦସ୍ୟ ବିଷ୍ଣୁ ପ୍ରସାଦ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜୟପୁର, ବୋରିଗୁମ୍ମା ବ୍ଲକ ଓ ସହରାଞ୍ଚଳର କର୍ମୀ ଯୋଗ ଦେଇଥିଲେ। ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଓ ଏହାର ସଫଳ ରୂପାୟନ ପାଇଁ ରାଜ୍ୟରେ ବିଜେଡି ୧୯ ବର୍ଷ ଧରି ଶାସନଗାଦିରେ ବସିପାରିଛି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଆଗାମୀ ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କାମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟନାରାୟଣ ରଥ, ଇନ୍ଦିରା ନନ୍ଦ, ଅନୁପ ପାତ୍ର, ବାଲା ରାୟ, ରମାକାନ୍ତ ରାଉଳ, ଦୁର୍ଗାପ୍ରସାଦ ମିଶ୍ର, ଭାରତ ପଟ୍ଟନାୟକ, ରମାନାଥ ମିଶ୍ର, ବିରେଶ ପଟ୍ଟନାୟକ, ବାଲିଙ୍ଗି ରାଓ, ଟିଙ୍କି ପଟ୍ଟନାୟକ, ଶିବ ପଟ୍ଟନାୟକ, ଧର୍ମେନ୍ଦ୍ର ଅଧିକାରୀ ମଞ୍ଚାସୀନ ଥିଲେ।

### ପରାଗ ସହ କୋହଲା ପାଗ ଜୟପୁର ସହର ଶୂନଶାନ

ଜୟପୁର,୨୬।୧୨(ଡି.ଏନ୍.ଏ.):

ସୂର୍ଯ୍ୟପରାଗ ସାଙ୍ଗକୁ ଦିନସାରା କୋହଲା ପାଗ। ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ଗୁରୁବାର ଆକାଶ ମେଘୁଆ ଏବଂ ଝିପିଝିପି ବର୍ଷା ଲାଗିରହିଥିଲା। ସହର ଓ ଆଖପାଖ ମନ୍ଦିରରେ ନୀତିକାନ୍ତି ପୂର୍ବାହ୍ନରୁ ହୋଇପାରି ନ ଥିଲା। କିନ୍ତୁ ମଧ୍ୟାହ୍ନ ସାଢ଼େ ୧୧ଟା ପରେ ମନ୍ଦିରର ଦ୍ୱାରା ଖୋଲାଯାଇ ପୂଜାନୀତି ଆରମ୍ଭ କରାଯାଇଥିଲା। ମନ୍ଦିର ଧୂଆପୋଛା ପରେ ପୂଜାର୍ଚ୍ଚନା ସହ ଠାକୁରଙ୍କୁ ମଧ୍ୟାହ୍ନଭୋଗ ଲାଗି ହୋଇଥିଲା। ସହରର ଜଗନ୍ନାଥ, ଭଗବତୀ, ବଲ୍ଲଭ ନାରାୟଣ, ରଘୁନାଥ, କାଳୀ, ନୀଳକଣ୍ଠ, ପଞ୍ଚାନନ, ବୈଦ୍ୟନାଥ, ଜଗତଜନନୀୟ, ରାଧାକୃଷ୍ଣ, କୁଞ୍ଜବିହାରୀ, ଚୈତନ୍ୟ, ରସିକ ଶିରୋମଣି ମନ୍ଦିରରେ ନୀତିକାନ୍ତି କରାଯାଇଥିଲା। ଝିପିଝିପି ବର୍ଷା, କୋହଲା ପାଗ, ସୂର୍ଯ୍ୟପରାଗ ଯୋଗୁ ପୂର୍ବାହ୍ନରୁ ଅପରାହ୍ନ ଯାଏ ସହରର ମୁଖ୍ୟରାସ୍ତା, ଦୈନିକ ବଜାର, ଏନ୍‌କେଟି ରୋଡ, ମହାତ୍ମା ଗାନ୍ଧି ରୋଡ ଲୋକଶୂନ୍ୟ ହୋଇଯାଇଥିଲା।



କୋଟପାଡ଼ ପ୍ରତିଷ୍ଠା ଦିବସ ସଭାରେ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନ୍ୟମାନେ।

# ପ୍ରତିଷ୍ଠା ଦିବସରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ

କୋଟପାଡ଼,୨୬।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ କଲ୍ୟାଣ ମଣ୍ଡପରେ ଗୁରୁବାର ୨୩ତମ ପ୍ରତିଷ୍ଠା ଦିବସ ପାଳନ କରିଛି ବ୍ଲକ ବିଜେଡି। ସ୍ଥାନୀୟ ବିଧାୟିକା ତଥା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କୋଟପାଡ଼ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଏହାର ପରିଚାଳନା କରିଥିଲେ। ଅପରାହ୍ନରେ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପଦ୍ମିନୀ ଦିଆନ, ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୁନ୍ଦୁରା, ବୋରିଗୁମ୍ମା, ବୈପାରୀଗୁଡ଼ା ବ୍ଲକର ଶତାଧିକ କର୍ମୀ ସାମିଲ ଥିଲେ। ଜୀବନବିନ୍ଦୁ କାର୍ଯ୍ୟକ୍ରମରେ କୋରାପୁଟ ଜିଲା ରକ୍ତଭଣ୍ଡାର କେନ୍ଦ୍ରର ଡାକ୍ତର ରତିକାନ୍ତ ଖଟୁଆ ୧୩୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ନଗର ସଭାପତି ସୁଧୀର ଚନ୍ଦ୍ର ମହାନ୍ତି, ଜିଲା ଉପସଭାପତି ନରେନ୍ଦ୍ର ସ୍ୱାଇଁ, ଆଇନଜୀବୀ ପଙ୍କଜ ପାତ୍ର, ବୀରେନ ବିଶୋୟୀ, ପୂର୍ବତନ ଅଧକ୍ଷା ସୁଚିତ୍ରା ସ୍ୱାଇଁ, ଆରିଫ୍ ପଟେଲ, ବିଦ୍ୟୁତଲତା ବକ୍ସି ଯୋଗ ଦେଇଥିଲେ।

# ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ ପ୍ରସ୍ତୁତି



ବ୍ରାହ୍ମଣ ସମାଜ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କୁନ୍ଦୁରା,୨୬।୧୨(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଜାନୁୟାରୀ ୧୨ରେ ହେବାକୁ ଥିବା ବାର୍ଷିକ ଉତ୍ସବ ପାଇଁ ଗୁରୁବାର ଡଙ୍ଗରପାଉଁସୀ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶତାଧିକ ବ୍ରାହ୍ମଣ ଏଥିରେ ଯୋଗ ଦେଇଥିଲେ। ବାଘାଯତୀନ ଗଣନାଟ୍ୟର ନାୟକ ସମରେନ୍ଦ୍ର ପଣ୍ଡା ଏବଂ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ପଣ୍ଡା ବୈଠକରେ ସାମିଲ ହୋଇଥିଲେ। ଅବିଭକ୍ତ କୋରାପୁଟ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ନୂତନ କ୍ୟାଲେଣ୍ଡର ବଣ୍ଟାଯାଇଥିଲା। ଚଳିତବର୍ଷ କୁନ୍ଦୁରା ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ବାର୍ଷିକ ଉତ୍ସବ କରାଯିବ। ଏଥିରେ ବିଭିନ୍ନ ପ୍ରକାର ଆଲୋଚନା ସହ ରାଜ୍ୟସ୍ତରରେ ଉଲ୍ଲେଖନୀୟ ପଦପଦବୀରେ ରହିଥିବା ବ୍ରାହ୍ମଣମାନେ ଯୋଗଦେବେ। ବ୍ଲକ ଅଧୀନରେ ଥିବା ବିଭିନ୍ନ ଜୋନସ୍ତରୀୟ ସଭାପତି, ସମ୍ପାଦକଙ୍କୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି। ଗରିବ ବ୍ରାହ୍ମଣ ପରିବାରକୁ ଅସୁସ୍ଥତା ଓ ମୃତ୍ୟୁକାଳୀନ ସହାୟତା, ଶିକ୍ଷା ସମ୍ପର୍କିତ ସହାୟତାର ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ରକ୍ତଦାନ ଶିବିର କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ବ୍ଲକବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ସମସ୍ୟା ନଜରକୁ ଆସିଲେ ତୁରନ୍ତ ସହାୟତା ଦେବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦୟନାଥ ସାହୁ, ନରସିଂହ ମିଶ୍ର, ଭବାନୀ ଶଙ୍କର ମିଶ୍ର, ରାଧାନାଥ ଭଟ୍ଟ, ଗୋଦାବରୀଶ ଷଡ଼ଙ୍ଗୀ, ରାମକୃଷ୍ଣ ସାବତ, ପତିତପାବନ ଆଚାର୍ଯ୍ୟ, କୃଷ୍ଣ ଦାସ, ବିବେକାନନ୍ଦ ପଣ୍ଡା, ଉପେନ୍ଦ୍ର ପାଣିଗ୍ରାହୀ ଓ ଗୁପ୍ତ ପ୍ରସାଦ ପାଣିଗ୍ରାହୀ ଯୋଗ ଦେଇଥିଲେ।

## ■ ବିଜେଡି ପ୍ରତିଷ୍ଠା ଦିବସରେ କର୍ମୀଙ୍କୁ ଆହ୍ୱାନ

# ତୃଣମୂଳସ୍ତରରେ ପହଞ୍ଚାଅ ସରକାରୀ ପାଣ୍ଠି, ଯୋଜନା

ସେମିଳିଗୁଡ଼ା,୨୬।୧୨(ସ୍ୱ.ପ୍ର.)

କୋରାପୁଟ ଜିଲା ଟାଉନ ହଲରେ ଗୁରୁବାର ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କୋରାପୁଟ ବିଧାୟକ ରଘୁରାମ ପଡାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ବିହନ ନିଗମ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ତୁଳସୀ କିର୍ସାନୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁପ୍ତ ଦାସ, ରଘୁରାମ ମାଛ, ସୁନାଧର ଆଡାରୀ ପ୍ରତିଷ୍ଠା ଦିବସରେ ବିଜୁବାବୁଙ୍କ ସ୍ମରଣ କରିଥିଲେ। ନବୀନ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟ ଗ୍ରାମାଞ୍ଚଳରେ କିପରି ପହଞ୍ଚିବ, ସେନେଇ ଆଲୋଚନା ହୋଇଛି।



ଦାମନଯୋଡ଼ିରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ।

ସେହିପରି ଦାମନଯୋଡ଼ି ଛକ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବିଜେଡିର ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରତିଷ୍ଠା ଦିବସ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ସେମିଳିଗୁଡ଼ା ବ୍ଲକ ଅଧକ୍ଷ ଦିନେଶ ଖରା ଯୋଗ ଦେଇଥିଲେ। ବିଜେଡି ସରକାରଙ୍କ ସମସ୍ତ ଯୋଜନାକୁ ବ୍ଲକ ଓ ପଞ୍ଚାୟତ ସ୍ତରର ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସମସ୍ତ ସରପଞ୍ଚଙ୍କୁ ପରାମର୍ଶ ଦେଇଥିଲେ ବିଧାୟକ ପାଢ଼ୀ। ପଞ୍ଚାୟତ ସ୍ତରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ପାଣ୍ଠିକୁ ସଦ୍‌ବିନିଯୋଗ କରିବା ପାଇଁ ମଧ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳେଇଗୁଡ଼ା ସମିତି ସଭ୍ୟ ଅନନ୍ତରାମ ମାଟାମ, ଭଗବାନ ପେଟିଆ, ପୂର୍ବ ଖିଲ, ଜଗନ୍ନାଥ ପାଙ୍ଗୀ, ଗୋପାଳ ବେବର୍ତ୍ତା ଉପସ୍ଥିତ ଥିଲେ। କୋରାପୁଟ ଜିଲାର ୪ଟି ବ୍ଲକର ଦଳୀୟ ସଭାପତି, ଜିଲା ପରିଷଦ ଉପସଭାପତି, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ମେମ୍ବର, ଜିଲା ପରିଷଦ ସଭ୍ୟଙ୍କ ସମେତ ୨୦୦୦ରୁ ଅଧିକ କର୍ମୀ ଓ ଜନତା ଉପସ୍ଥିତ ଥିଲେ।

# ବଡ଼ଦିନରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଚାନ୍ଦିଲି(କୋଟପାଡ଼), ୨୬।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ମିଶନ କମ୍ପାଉଣ୍ଡ ଜେଇଏଲସି ଚର୍ଚ୍ଚରେ ଖ୍ରୀଷ୍ଟ ଜୟନ୍ତୀ ପାଳିତ ହୋଇଛି। ପାଷ୍ଟର ରେଭ ପି. ମାର୍ଟିନ ରାଓଙ୍କ ପୌରୋହିତ୍ୟରେ ଶତାଧିକ ଖ୍ରୀଷ୍ଟଧର୍ମୀ ଭଉଣୀଭାଇଙ୍କ ଦ୍ୱାରା ସମବେତ ପ୍ରାର୍ଥନା ହୋଇଥିଲା। ସନ୍ଧ୍ୟାରେ ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ନେଇ ଶତାଧିକ ଯୁବତୀ ଯୁବକ, ମହିଳା ପୁରୁଷମାନେ ଚର୍ଚ୍ଚରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ବଡ଼ଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ। ରେଭ ପି. ମାର୍ଟିନ ରାଓଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଇଏଲ୍‌ସି ବିଶପ ଆଶିଷ ପାଲ, ମଣ୍ଡଳୀର କାର୍ଯ୍ୟକର୍ତ୍ତା ଧୀରଜ ଭତ୍ରା, ଆନନ୍ଦ ଦ୍ରାକ୍ଷାଲତା, ପନିର ସାଗର, ବିଦ୍ୟୁତ ଦୁଃଖୀ, ଅଞ୍ଜଳି କଟିମ ଉପସ୍ଥିତ ଥିଲେ।



ବଡ଼ଦିନରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

# ପର୍ଯ୍ୟଟକଙ୍କ ସୁରକ୍ଷା ଏବେ ବଡ଼ ପ୍ରଶ୍ନ

ପଟ୍ଟାଙ୍ଗି,୨୬।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଗାଲିଗାବଡାର ଗ୍ରାମ ନିକଟସ୍ଥ ରଥିବାଲି ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ଦିନ ତଳେ କଳାହାଣ୍ଡିର ଜଣେ ପର୍ଯ୍ୟଟକ ଫଟୋ ଉଠାଉଥିବା ବେଳେ ଖସିପଡ଼ି ତାଙ୍କର ମୃତ୍ୟୁ ହେବା ପରେ ଏହି ପ୍ରଶ୍ନ ଉଠିଛି।

ଏଠାରେ ପ୍ରତି ବର୍ଷ ଡିସେମ୍ବରରୁ ଫେବୃଆରୀ ଯାଏ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଗତ ତିନି ବର୍ଷ ମଧ୍ୟରେ ଅନେକ ପର୍ଯ୍ୟଟକ ବୁଲିବାକୁ ଆସି ଫଟୋ ନେବାବେଳେ ଗୋଡ଼ ଖସି ଆହତ ହୋଇଛନ୍ତି। ୨୦୧୭ ଡିସେମ୍ବରରେ ଜୟପୁର ଅଞ୍ଚଳର ଜଣେ ଆଇନଜୀବୀ ବୁଲିବାକୁ ଆସିଥିବା ବେଳେ ଗୋଡ଼ ଖସି ସେ ଗୁରୁତର ହୋଇଥିଲେ। ୨୦୧୮ରେ ଗାଙ୍ଗମା' ଯାତ୍ରାକୁ ଆସିଥିବା ମୀନା ବଜାରର ଜଣେ ଯୁବକ ରଥିବାଲିରେ ଫଟୋ ନେବାବେଳେ ୧୫ ଫୁଟ ତଳକୁ ଖସିପଡ଼ି ଆହତ ହୋଇଥିଲେ। ବ୍ଲକ କୃଷି ବିଭାଗର ଜଣେ କର୍ମଚାରୀ ସେହି



ରଥିବାଲି ପର୍ଯ୍ୟଟନସ୍ଥଳୀ।

### ରଥିବାଲି ପର୍ଯ୍ୟଟନସ୍ଥଳ

ବର୍ଷ ଏଠାକୁ ପରିବାର ସହ ଆସିଥିବା ବେଳେ ତାଙ୍କ ଗୋଡ଼ ଖସି ସେ ବର୍ତ୍ତମାନ ଚାଲିପାରୁ ନାହାନ୍ତି। ୨୦୧୯ ବର୍ଷ ଶେଷଆଡ଼କୁ କଳାହାଣ୍ଡିର କଲେଜ ଛାତ୍ର ଜଣକ ଏଠାରେ ଖସିପଡ଼ି ପରେ ତାଙ୍କର ମୃତ୍ୟୁ ହେବା ପର୍ଯ୍ୟଟକଙ୍କୁ ଆଶଙ୍କା ଭିତରକୁ ଠେଲିଦେଇଛି। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ପୂର୍ବତନ ବ୍ଲକ ଅଧକ୍ଷ ନୃସିଂହନାଥ ବେହେରା କହିଛନ୍ତି। ବ୍ଲକରେ ଥିବା ପେଦାପାଡୁ ଗୁମ୍ଫା, ଦେଓମାଳି, ହନୁମାନ ମନ୍ଦିର ଓ ଅମ୍ପାବାଲି ପଞ୍ଚାୟତ ସାପ୍ରାଇଗୁଡ଼ା ନିକଟସ୍ଥ ଜଳପ୍ରପାତର ଉନ୍ନତି ସହ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସେ ଦାବି କରିଛନ୍ତି। ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର ଲିମା କହିଛନ୍ତି, ରଥିବାଲିର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସତର୍କ ସୂଚନା ସମ୍ବଳିତ ସାଇନବୋର୍ଡ଼ ଲଗାଯିବ। ଉକ୍ତ ପର୍ଯ୍ୟଟନ ସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ନୂଆଗାଁ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବା ବେଳେ ପର୍ଯ୍ୟଟନ ବିଭାଗ ମଧ୍ୟ ଆନୁସଙ୍ଗିକ ପଦକ୍ଷେପ ନେବ। ବ୍ଲକର ଅନ୍ୟ ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ।


ଡଙ୍ଗରିଆମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।


କିନ୍ନରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ସଂସ୍କୃତି ଆମ ପରିଚୟ

**ପରମ୍ପରା ଭିତରେ ଅଛି ଜୀବନ ଜିଇଁବାର ମଜା । କାରଣ ପରମ୍ପରା ହିଁ ଆଣିଦିଏ ଅଫୁରନ୍ତ ବଞ୍ଚିବାର ବାହାନା। ଭାବ,ଭାବନାକୁ ପରିବ୍ୟାପ୍ତ କରାଏ। ଲୋକ ମହୋତ୍ସବ ଚଇତି ଏମିତି ଏକ ପରିପ୍ରକାଶର ପ୍ରତିଫଳନ । ଏଥିଲାଗି ସଜେଇ ହୋଇଛି ପୂରା ରାୟଗଡ଼ା ସହର । ସବୁଠି ଆଦିବାସୀ ଚଳଣିର ଝଲକ ବାରି ହୋଇପଡୁଛି। ନିଜ ଚଳଣିର ବେଶଭୂଷା, ନୃତ୍ୟ,ବାଦ୍ୟରେ ରୋମାଞ୍ଚିତ ହୋଇଛି ସହର । ପରମ୍ପରା ଅନୁସାରେ ଗୁରୁବାର ନିଷ୍ଠାର ସହ ମା' ମଝିଘରିଆଣୀ ଓ ଜଗନ୍ନାଥ ମନ୍ଦିରରୁ ଆସିଛି ଆଜ୍ଞାମାଳ, କଳସ। ସ୍ଥାପନ ହୋଇଛି ଚଇତି ମଣ୍ଡପରେ । ତା'ପରେ ଉଦ୍‌ଘାଟିତ ହୋଇଛି ଲୋକ ମହୋତ୍ସବ ଚଇତି ।**

## ଚଇତି ୨୦୧୯ ଉଦ୍‌ଘାଟିତ

ରାୟଗଡ଼ା ଅଫିସ ,୨୬।୧୨

ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଗୁରୁବାର ଆରମ୍ଭ ହୋଇଛି ଲୋକ ମହୋତ୍ସବ ଚଇତି ୨୦୧୯ । ପାରମ୍ପରିକ କଳସ ଚଇତି ମଣ୍ଡପରେ ସ୍ଥାପନ ହେବା ପରେ ଶକ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତି ହେଉଛି ଆମ ପରିଚୟ। ଏହା ଆମକୁ ବଞ୍ଚାଇ ରଖେ। ଏହି ସଂସ୍କୃତିକୁ ବଜାୟ ରଖିବାର ଆବଶ୍ୟକତା ରହିଛି । ଭାଇଚାରା ନୀତି ଆପଣେଇ ଏହି ସଂସ୍କୃତିକୁ ଆଗେଇନେବା । ଆମେ ଯେତେ ଆଧୁନିକ ଯୁଗକୁ ଗଲେ ମଧ୍ୟ ସଂସ୍କୃତିକୁ ଛାଡ଼ି ବଞ୍ଚିପାରିବା ନାହିଁ। ରାୟଗଡ଼ା ଜିଲାର କଳା ,ସାହିତ୍ୟ ଓ ସଂସ୍କୃତିର ବର୍ଣ୍ଣାଢ଼୍ୟ ଉତ୍ସବ ହେଉଛି ଚଇତି। ଲୁକ୍କାୟିତ ପ୍ରତିଭା ବିକାଶର ଏକ ମଞ୍ଚ। ଆମ ପାଖେ ପ୍ରତିଭା ଅଛି, ଏହାର ବିକାଶ ନେଇ ଏହି ମଞ୍ଚ ଆମକୁ ସୁଯୋଗ ଦେଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା , ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ,ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ , ଜିଲା ପରିଷଦ ଉପାଧ୍ୟକ୍ଷା ବୀଣାପାଣି ସାହୁକାର, ରାୟଗଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ , ଗୀତା କଣ୍ଡାଗିରି , ଯୋଗେନ୍ଦ୍ର ୱାଡ଼କା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ଜିଲାପାଳ ମୁଖ୍ୟ ଅତିଥି ମନ୍ତ୍ରୀ ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରିଥିଲେ । ପ୍ରଥମ ଥର ଅନ୍ତର୍ଜାତୀୟସ୍ତର କଳାକାର ଚଇତି ମଞ୍ଚରେ ନିଜର ଲୋକକଳା ପ୍ରଦର୍ଶନ କରିଛନ୍ତି । ସର୍ବପ୍ରଥମେ ଆଜାଦ ହିନ୍ଦ ୟୁଥ ଆସୋସିଏଶନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ ରାୟଗଡ଼ାର ଅନୀତା ରାଜଗୁରୁ ଗ୍ରୁପଙ୍କ ଦ୍ୱାରା ଓଡ଼ିଶୀରେ ରାଧା କୃଷ୍ଣଙ୍କ ଲୀଳା ପରିବେଷଣ କରାଯାଇଥିଲା। ପରେ ଲାଞ୍ଜିଆ ସୌରା ଲୋକନୃତ୍ୟ , ରାୟଗଡ଼ା ଏକଲବ୍ୟ ଆଦର୍ଶ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଢ଼େମସା ନୃତ୍ୟ ପରିବେଷିତ ହୋଇଥିଲା । ନେପାଳ ଓ ଶ୍ରୀଲଙ୍କାର ଲୋକନୃତ୍ୟ ବେଶ୍ ମନଛୁଆଁ ହୋଇଥିଲା । ସେହିପରି କୋଲକତା କଳାକାରଙ୍କ ଲୋକନୃତ୍ୟ, ପଦ୍ମପୁରରୁ ଆଦିବାସୀ ନୃତ୍ୟ , ରାୟଗଡ଼ା ବ୍ଲକର କଳା ସଂସ୍କୃତି ସଂଘ ପକ୍ଷରୁ ନିଳାମା ନୃତ୍ୟ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା ପକ୍ଷରୁ ବଜା ଶାଳ,ଖୋର୍ଦ୍ଧାର ପାଇକ ଆଖଡ଼ା ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସିନେ କଳାକାର ପୁପିନ୍ଦର ଆଙ୍କରିଂ କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ପଲ୍ଲିଶ୍ରୀ ମେଳାକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରି ୩୦୫ ରୁ ଊର୍ଦ୍ଧ୍ୱ ଷ୍ଟଲ ବୁଲି ଦେଖିଥିଲେ। ଏଠାରେ ପୁସ୍ତକ ମେଳା, ବିଜ୍ଞାନମେଳାର ମଧ୍ୟ ଆୟୋଜିତ ହୋଇଛି।


ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏଶନ ପକ୍ଷରୁ ସଙ୍ଗୀତ ଗାନ କରାଯାଉଛି।


ଅଭିନେତା ପୁପିନ୍ଦର ଆଙ୍କରିଂ କରୁଛନ୍ତି।


ଚଇତି ମଞ୍ଚରେ ଉପସ୍ଥିତ ଅତିଥି।


ମା' ମଝିଘରିଆଣୀ ମନ୍ଦିରରୁ ବାହାରିଥିବା ମଶାଲ।

## ପାରମ୍ପରିକ ନୃତ୍ୟ, ବାଦ୍ୟରେ କମ୍ପିଲା ରାୟଗଡ଼ା

ରାୟଗଡ଼ା ଅଫିସ ,୨୬।୧୨

ଗୁରୁବାର ଆରମ୍ଭ ହୋଇଛି ରାୟଗଡ଼ାର ଲୋକ ମହୋତ୍ସବ ଚଇତି -୨୦୧୯। ପରମ୍ପରା ଅନୁଯାୟୀ ରୀତିନୀତିରେ ମା' ମଝିଘରିଆଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ସେଠାରୁ ଆଜ୍ଞାମାଳ ଓ ମଶାଲ ଅଣାଯାଇ ଏକ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା । ତିନି ଠାକୁରଙ୍କଠାରୁ ଆଜ୍ଞାମାଳ ଅଣାଯିବା ସହ ପ୍ରତ୍ୟେକ ବ୍ଲକକୁ ଦିଆଯାଇଥିବା କଳସଗୁଡ଼ିକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ବର୍ଷା ସତ୍ତ୍ୱେ ଶୋଭାଯାତ୍ରାରେ ନାଚି ଉଠିଥିଲେ କଳାକାର । ଆଦିମ ଜନଜାତି ଲାଞ୍ଜିୟା ସୌରା ନୃତ୍ୟ, ଡ଼ଙ୍ଗରିଆ କନ୍ଧଙ୍କ ନୃତ୍ୟ, ଗଞ୍ଜାମ ଜିଲାର ଯୋଡ଼ି ଶଙ୍ଖ, ମୁଖା ଓ ବାଘ ନାଚ , ଘୁମୁରା , ଢ଼େମସା ନୃତ୍ୟ ଓ ପାରମ୍ପରିକ ବାଦ୍ୟରେ କମ୍ପି ଉଠିଥିଲା ରାୟଗଡ଼ା ସହର । ସାମିଲ ହୋଇଥିଲେ ହଜାର ହଜାର ଲୋକ । ରାୟଗଡ଼ା ବ୍ଲକ ଜଗନ୍ନାଥପୁର ଓ ପିତାମହଲର ଆଦିବାସୀ ନୃତ୍ୟ କରାଯାଇ ମା' ମଝିଘରିଆଣୀଙ୍କୁ ଚଇତି ମଣ୍ଡପରେ ସ୍ଥାପନ କରାଯାଇଥିଲା । ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶ୍ରବଣ ବିବେକ୍ ଏମ୍ କଳସକୁ ଆଣି ଚଇତି ପଡ଼ିଆରେ ବିଧିବଦ୍ଧ ଭାବେ ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମ୍‌ପି ସପ୍ତଗିରି ଉଲ୍ଲାକା, ଆଦିବାସୀ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ପିଏ ଆଇଟିଡ଼ିଏ ପିଡ଼ି ଅମ୍ରିତ ଋତୁରାଜ, ଟୁକୁ ବାରିକ, ଗୁଣୁପୁର ଉପଜିଲାପାଳ ବି. ସିଦ୍ଧେଶ୍ୱର ବଳିରାମ, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ୱାଇ.କେ ରାଜପୁତ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


ଚଇତି ଶୋଭାଯାତ୍ରାରେ କଣ୍ଢେଇ ନାଚ।


ଗଞ୍ଜାମର କଳାକାରମାନେ ଯୋଡ଼ିଶଙ୍ଖ ବଜାଉଛନ୍ତି।


ଚଇତି ମଞ୍ଚରେ ଲାଞ୍ଜିଆ ସୌରା ନୃତ୍ୟ ପରିବେଷଣ କରାଯାଉଛି।


ଶୋଭାଯାତ୍ରାରେ ବିପୁଳ ଜନସମାଗମ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଡିସେମ୍ବର ୨୭ /୨୦୧୯ Rayagada, Friday, December 27/ 2019

## ■ ନାବାଳିକା ଗଣବଳାତ୍କାର, ହତ୍ୟା ଘଟଣା ପ୍ରତିବାଦରେ କଂଗ୍ରେସର ବନ୍ଦ

# ନବରଙ୍ଗପୁର ୧୨ଘଣ୍ଟା ଅଚଳ

ନବରଙ୍ଗପୁର/ଚନ୍ଦାହାଣ୍ଡି/ତେନ୍ତୁଳିଖୁଣ୍ଟି/ ଝରିଗାଁ/ଉମରକୋଟ/କୋଷାଗୁମୁଡା, ୨୬ା୧୨ (ବି.ପ୍ର/ଡି.ଏନ.ଏ/ସ୍ୱ.ପ୍ର)


ପୂର୍ବତନ ଏମପି ପ୍ରଦୀପ ମାଝି ଓ ଅନ୍ୟମାନେ ରାସ୍ତାରୋକୋ କରିଛନ୍ତି।


ନବରଙ୍ଗପୁର ସହରରେ କଂଗ୍ରେସ କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।


ଉମରକୋଟଠାରେ କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

କୋଷାଗୁମୁଡା ବ୍ଲକର ଏକ ପଞ୍ଚାୟତରେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ଗୁରୁବାର ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଛି। ଦୋକାନ, ବଜାର , ଗାଡି ଚଳାଚଳ ବନ୍ଦ ରହିଥିଲା। ନବରଙ୍ଗପୁର ସହରର ମାଝିଗୁଡା ଓ ଚାମୁରିଆଗୁଡା ଛକ ନିକଟରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରି ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା । କଂଗ୍ରେସ ଭବନ ନିକଟରେ ଜିଲା ସଭାପତି ମୁନା ତ୍ରିପାଠୀ, ପୂର୍ବତନ ଏମପି ପ୍ରଦୀପ ମାଝି, ଅବଦୁଲ ଫିରୋଜ, ଦିଲ୍ଲୀପ ବେହେରା, ସଞ୍ଜୟ ନାୟକ, ପରୀ ସାହୁ, କାଳି ପାତ୍ର, କୁନା ପାଢ଼ୀ, ଓବିସି ସେଲ ସଭାପତି ପଦ୍ମନ ବିଶୋୟୀ, ନଗର ସଭାପତି ଉତ୍ତମ ତ୍ରିପାଠୀ ପ୍ରମୁଖ ଉପସ୍ଥିତିରେ ରାସ୍ତା ଅବରୋଧ କରାଯାଇଥିଲା। ଚନ୍ଦାହାଣ୍ଡି ବ୍ଲକରେ କଂଗ୍ରେସ ନେତା କ୍ଷେମରାଜ ବାଘଙ୍କ ନେତୃତ୍ୱରେ କର୍ମୀମାନେ ପିକେଟିଂ କରି ଦୋକାନ, ବଜାର, ଯାନବାହନ ଚଳାଚଳ ବନ୍ଦ କରିଥିଲେ। ମହେଶ୍ୱର ଦାସ, ଶ୍ରୀବତ୍ସ ପଣ୍ଡା, ମହନ୍ତ ନାଗ, ହୁମେଶ୍ୱର ହଂସ, ସନ୍ତୋଷ ପଟ୍ଟନାୟକ, ଜବାର ଅଲ୍ଲୀ, ଚୈତନ ହରପାଳ, ସୁରୁ ବାଘ, ଜଗଦୀଶ ବାଘ, କେଶବ ସୁନା, ମଣିରାମ ମାଝି, ସହଦେବ ଠେଲା, ଘନଶ୍ୟାମ ଗୌଡ, ବନମାଳି ବାଘ, ମଳୟ ସୁନା, କରଣ ଡଙ୍ଗରୀ, ଟଙ୍କଧର ଜଗତ, କୃଷ୍ଣ ବାଘ, ଅଭୟ ଭୋଇ, ଠେଲସିଂ ଗୌଡ, ବିଟୁ ଦୁର୍ଗା, ଗଗନ ବାଘଙ୍କ ସମେତ ନାରୀ ପ୍ରଗତି ସମାଜର ମହିଳାମାନେ ଉପସ୍ଥିତ ଥିଲେ। ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକରେ ଦୋକାନ ବଜାର, ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମା, ପ୍ରହ୍ଲାଦ ହିଆଲ, ଅଖିଳ ଭତ୍ରା, ବାରିଜ ପଟ୍ଟନାୟକ, ରମେଶ ପାତ୍ର ବାଘ, ଅଜୟ ହିଆଲ, ଦୁର୍ଯ୍ୟୋଧନ ହରିଜନ, ରାଧା ମୋହନ ପାତ୍ର, ପ୍ରଦୀପ ନାୟକ, କୁନା ମହାନ୍ତି, ଗୋପନ କୁମାର ନାୟକ, ଅଭିମନ୍ୟୁ ସାହୁ, ବିଶ୍ୱନାଥ ସିଂ, ଦୁର୍ଲଭ କନ୍ଧ ଗୌଡ, କିଶୋର ନାୟକ, ଜଗବନ୍ଧୁ ପାତ୍ର ପ୍ରମୁଖ ରାସ୍ତା ଅବରୋଧ କରି ବନ୍ଦ ପାଳନ କରିଥିଲେ। ଝରିଗାଁ ବ୍ଲକ ସଦର ମହକୁମାରେ ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସ ସଭାପତି ପଦ୍ମନାଭ ପାଣ୍ଡେ, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ଗୋକୁଳ ପଟ୍ଟନାୟକ, ଅନିଲ କୁମାର ଜୈନ, ବ୍ଲକ ଯୁବ ସଭାପତି ବୁଲୁ ଗୌଡ, ତମ୍ବୁଦାସ ପନକା, ଶ୍ରୀଧର ସଗରିଆ, ସୁଧିର ଦଳେଇ, ମୀନକେତନ ଦଳେଇ, ଇସା ରାଓ, ବଂଶିଧର ପନକା, ଏମ୍.ଡି ଗଫୁର, ମହେଶ୍ୱର ତିୱାରୀ ଉପସ୍ଥିତ ଥିଲେ। ଉମରକୋଟଠାରେ କଂଗ୍ରେସ କର୍ମୀମାନେ ଏକ ବାଇକ ରାଲିରେ ବାହାରି ପିକେଟିଂ କରି ଦୋକାନବଜାର ସହ ଯାନବାହନ ବନ୍ଦ କରିଥିଲେ । କଂଗ୍ରେସ ଜିଲା ଉପସଭାପତି ତପନ ଦେବନାଥ, ମୁନା ପାଢ଼ୀ, ଜିଲା କଂଗ୍ରେସର ସମ୍ପାଦକ ଗୋପାଳ ପଟ୍ଟନାୟକ, ଜଗଦୀଶ ପ୍ରସାଦ ସାନ୍ତ୍ରା, ବାବୁଲା ପଟ୍ଟନାୟକ, ସୁରେନ୍ଦ୍ର ନାୟକ, ଗଜେନ୍ଦ୍ର ନାୟକ, ଭୂବନ ମାଝି, କୁନା ସାହୁ ଉପସ୍ଥିତ ଥିଲେ। କୋଷାଗୁମୁଡା ବ୍ଲକରେ ବନ୍ଦ ପାଳନ କରାଯାଇଥିଲା। କୋଷାଗୁମୁଡା ଓ କୋଡିଙ୍ଗାଠାରେ ଦୋକାନ ବଜାର, ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଗୀତାମଣି ସମରଥ, ଜିଲା ପରିଷଦ ସଭ୍ୟ ଯୁଗଧର ହରିଜନ, ଜିଲା ପରିଷଦ ସଭ୍ୟା କାମିନୀ ହରିଜନ, ସରପଞ୍ଚ ନେତୁ ପୂଜାରୀ, କେ.ଏନ ରାଜୁ, ଭୁବନେଶ୍ୱର ନାୟକ, ସଞ୍ଜିବ ବିଶୋୟୀ, ଆର ପ୍ରଭାକର ରାଓ ପ୍ରମୁଖ ସାମିଲ ହୋଇଥିଲେ।


ତେନ୍ତୁଳିଖୁଣ୍ଟିଠାରେ କର୍ମୀମାନେ ପିକେଟିଂ କରୁଛନ୍ତି।


ଚନ୍ଦାହାଣ୍ଡିଠାରେ କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

## ବାଇକରୁ ପଡି ଜଣେ ମୃତ

ଡାବୁଗାଁ,୨୬ା୧୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଅଙ୍ଗୀ ନଦୀ ନିକଟରେ ଏକ ମୋଟରସାଇକେଲ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲା ଡାବୁଗାଁ – ମାନିଗାଁ ମୁଖ୍ୟ ରାସ୍ତାରେ ବୁଧବାର ବିଳମ୍ବିତ ରାତ୍ରିରେ ଡାବୁଗାଁ ପଟୁ ମାନିଗାଁ ଅଭିମୁଖେ ମୋଟର ସାଇକେଲ (ନଂ. ଓଡି ୨୪ ସି ୪୪୨୩) ରେ ଯାଉଥିବା ଜଣେ ଯୁବକ ଅଙ୍ଗିନଦୀ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ପଡିଯାଇଥିଲେ। ରାତ୍ରି ହୋଇଥିବାରୁ ସେହି ରାସ୍ତାରେ କୌଣସି ଲୋକ ଦୁର୍ଘଟଣାଟିକୁ ଦେଖିପାରିନଥିଲେ । ଫଳରେ ଦୁର୍ଘଟଣା ଗ୍ରସ୍ତ ଯୁବକ ସେଠାରେ ରାତିସାରା ପଡିରହିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଗୁରୁବାର ସକାଳୁ ସେହି ରାସ୍ତା ଦେଇ ଆସୁଥିବା ଲୋକେ ଦୁର୍ଘଟଣା ଗ୍ରସ୍ତ ଯୁବକକୁ ଦେଖି ଡାବୁଗାଁ ଥାନା କୁ ଖବର ଦେଇଥିଲେ । ପରେ ଡାବୁଗାଁ ଥାନା ସବଇନ୍ସପେକ୍ଟର ଫକୀର ମୋହନ ଖୋରା ସେଠାରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଯୁବକକୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ମୃତ ଯୁବକ ଜଣକ ପାପଡାହାଣ୍ଡି ଥାନା ମଇଦଲପୁର ଫାଣ୍ଡି ରାବଣଗୁଡା ଗ୍ରାମର ତ୍ରିନାଥ ମାଝୀ (୧୯) ବୋଲି ଜଣାପଡିଛି । ଖବରପାଇ ପରିବାର ଲୋକ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ଏନେଇ ମୃତକର ବଡ ଭାଇ ପଦ୍ମନ ମାଝୀ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଥାନାରେ ନଂ ୧୭୫/୧୯ ରେ ଏକ ମାମଲା ରୁଜୁ କରାଯାଇଛି।

## ସାମୂହିକ ସ୍ୱାର୍ଥକୁ ଦୃଷ୍ଟି ଦେବାକୁ କର୍ମୀଙ୍କୁ ଆହ୍ୱାନ

ଝରିଗାଁ/ଧୋତ୍ରା, ୨୬ା୧୨(ସ୍ୱ.ପ୍ର/ଡି.ଏନ.ଏ)

ଝରିଗାଁ ବ୍ଲକ ଅନ୍ତର୍ଗତ ଧୋତ୍ରା ମଣ୍ଡେଇ ପଡିଆଠାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଝରିଗାଁ ବିଜେଡି ସଭାପତି ଉଦୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ପ୍ରମୋଦ ପାଢ଼ି, କାଜମ ମଦାନୀ, ଏମପି ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷା ରମୁଲା ଗଣ୍ଡ, ଚିକଗାନ୍ଦ ମାଝି, କାର୍ତ୍ତିକ ବାଘ, ଗୌରହରି ନାୟକ, ମଧୁସୂଦନ ନାଗେସ, ଉଦ୍ଧବ ନାୟକ, ଅଜିତ ପ୍ରଧାନ, ସଞ୍ଜୟ ଗୁପ୍ତା, ମୁକେଶ ଗୁପ୍ତା, ବାପି ସିଲ, ରାମଧର ମାଝି, ମୋଲାଲ ପନକା, ଯୁବରାଜ ସିଂ, ଫଗନୁ ମାଝି, ଡମ୍ବରୁ ମାଝି, ଜଗ ଭତ୍ରା, ରକ୍ଷିରାମ ବଞ୍ଜାରା, ଦୁର୍ଗା ମାଝି, ହେମନ୍ତ ପଲେଇ, ସନ୍ତୋଷ ବିଶୋୟୀ, ଶ୍ୟାମସୁନ୍ଦର ନାୟକ, ଲ୍ୟାମ୍ପ ସଭାପତି ବାସନ୍ତୀ ଗଣ୍ଡ, ଲଛମା ଗଣ୍ଡ ପ୍ରମୁଖ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିଥିଲେ । ବିଜେଡି ପ୍ରତ୍ୟେକ କର୍ମୀ ବ୍ୟକ୍ତିଗତ ସ୍ୱାର୍ଥକୁ ପଛରେ ପକେଇ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ପାଇଁ ଯତ୍ନବାନ ହେବା ପାଇଁ ଏମପି ପରାମର୍ଶ ଦେଇଥିଲେ। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜଣାଇଥିଲେ। ବରିଷ୍ଠ କଂଗ୍ରେସ ନେତା ମୁକେଶ ଗୁପ୍ତାଙ୍କ ନେତୃତ୍ୱରେ ଧୋତ୍ରା ସରପଞ୍ଚ ବେଲ ମାଝି, ନାଏବ ସରପଞ୍ଚ ସୁବ୍ରେନ ଭତ୍ରା ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଥିଲେ। ତେଲଗାଁ, ଭାଲୁକନାଡି, ବୁଟିଶରଗୀ ଆଦି ପଞ୍ଚାୟତରୁ ମଧ୍ୟ ଅନ୍ୟ ଦଳ ଛାଡି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ଜିଲା ସଂଯୋଜକ ପ୍ରମୋଦ ପାଢ଼ି ଧନ୍ୟବାଦ ଦେଇଥିଲେ।


ପ୍ରତିଷ୍ଠା ଦିବସରେ ଏମପି ରମେଶ ଚନ୍ଦ୍ର ମାଝି ଉଦବୋଧନ ଦେଉଛନ୍ତି।

## ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ଋଣ ଦେବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ

ନବରଙ୍ଗପୁର,୨୬ା୧୨(ବି.ପ୍ର)

ନବରଙ୍ଗପୁର ଜିଲାସ୍ତରୀୟ ଡିସିସି ଏବଂ ଡିଏଲଆଇସି ସମୀକ୍ଷା ବୈଠକ ଅଶୋକ ମେହଟ୍ଟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ୟାଙ୍କରେ ଜମାରାଶି, ମୁଦ୍ରା ଋଣ,ଏସିପି, ବ୍ୟାଙ୍କ କ୍ରେଡିଟ ଲିଙ୍କେଜ, ଜିଲାରେ ଥିବା ଏଟିଏମର ଷ୍ଟାଟସ, ଏସଏଚଜିମାନଙ୍କ ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲିବା, ଋଣ ଖିଲାପକାରୀଙ୍କ ଠାରୁ ଋଣ ଆଦାୟ କରିବା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ବିଭିନ୍ନ ସରକାରୀ ସ୍କିମରେ ବିଭିନ୍ନ ବିଭାଗ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ସୁପାରିଶ କରି ବିଭିନ୍ନ ବ୍ୟାଙ୍କ ଦ୍ୱାରା ଆବଶ୍ୟକ ଋଣ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଉଛି। ଏହାକୁ ସମ୍ପୃକ୍ତ ବ୍ୟାଙ୍କଗୁଡିକ କାର୍ଯ୍ୟକାରି କରୁ ନ ଥିବାରୁ ବୈଠକରେ ଜିଲାପାଳ ଉଦବେଗ ପ୍ରକାଶ କରିଥିଲେ। ଋଣ ଖିଲାପକାରୀଙ୍କ ବିରୋଧରେ ମଧ ବ୍ୟାଙ୍କର କର୍ମକର୍ତ୍ତା କୌଣସି କାର୍ଯ୍ୟାନୁଷ୍ଠାନ କରୁ ନ ଥିବା ହେତୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାରୀ ସ୍କିମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ଋଣ ଯୋଗାଇ ଦେବା ସହିତ ଋଣ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସମନ୍ୱୟ ମେଳା ପ୍ରତି ବ୍ଲକରେ ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହିସବୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରତି ବ୍ୟାଙ୍କରେ ଜଣେ ଆଇପିଓ ଦାୟିତ୍ୱରେ ରହି ଏ ସବୁର ତଦାରଖ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜାନୁୟାରୀ ୩ ତାରିଖରେ ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତିକୁ ଆଧାର କରି ଡିସିସି ବୈଠକ ଡାକିବା ପାଇଁ ଏଲଡିଏମଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ରମାକାନ୍ତ ନାୟକ, ସିର୍ଦ୍ଧାର୍ଥ ସାମଲ,ଡିଡିଏମ ନାବାର୍ଡ ପି.କେ ଦାସ, ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଜିଲାର ସମସ୍ତ ବ୍ୟାଙ୍କର୍ସ ଏବଂ ଏଥିରେ ସମ୍ପୃକ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।






## ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ନବରଙ୍ଗପୁର,୨୬ା୧୨(ବି.ପ୍ର.)–

ସ୍ଥାନୀୟ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଜିଲା ସାଧାରଣ ସମ୍ପାଦକ ଆଶିଷ ରଂଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇ କହିଥିଲେ ଯେ, ବିଜେଡି ଲୋକଙ୍କ ଆଶା ଓ ଭରଷା ହୋଇ କାର୍ଯ୍ୟ କରୁଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ କୃଷି, ଶିକ୍ଷା, ଅର୍ଥନୈତିକ ବିକାଶ ଘଟିଛି। ଜିଲା ସଭାପତି ପ୍ରହ୍ଲାଦ ତ୍ରିପାଠୀ କହିଥିଲେଯେ ବିଜେଡିର ଜନକଲ୍ୟାଣ କାରୀ ଯୋଜନା ଗୁଡିକ ଭାଜପା ଓ କଂଗ୍ରେସ ସହ୍ୟ କରି ପାରୁ ନାହିଁ । ମୁଖ୍ୟମନ୍ତ୍ରୀ କୃଷକଙ୍କ କଲ୍ୟାଣ, ନାରୀଶକ୍ତି, ଗ୍ରାମୀଣ ବିକାଶ, ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସହ ବିକାଶ ପାଇଁ ଅହରହ ଉଦ୍ୟମ କରିଚାଲିଛନ୍ତି । ପ୍ରତିଷ୍ଠା ଦିବସ ଦିନ କଂଗ୍ରେସ ଯେଉଁ ବନ୍ଦ ଡାକରା ଦେଇଥିଲା । ସେଥିରେ କେବଳ ୧୫ରୁ ୨୦ ଜଣ ଥିଲେ । ଏଥିରେ ଜଣାଯାଏ ଯେ କଂଗ୍ରେସର ସଙ୍ଗଠନ କିଭଳି ଦୁର୍ବଳ ହେବାରେ ଲାଗିଛି ଓ ଲୋକ କଂଗ୍ରେସ ଦଳକୁ ପ୍ରତ୍ୟାଖାନ କରୁଛନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ଯୋଗେନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲା ସଭାପତି ମଂଜୁଳା ମାଝୀ, ନଗର ସଭାପତି ପ୍ରମୋଦ ରଥ, ଦିବ୍ୟଦାନ ସୁନା, ଛାତ୍ର ବିଜେଡି ସଭାପତି ଦିଲୁ ପଣ୍ଡା ସମେତ କର୍ମକର୍ତା ମାନେ ମଞ୍ଚାସୀନ ଥିଲେ । ଶତାଧିକ କର୍ମୀ ଉପସ୍ଥିତ ଥିଲେ ।


କାର୍ଯ୍ୟକ୍ରମରେ ବିଧାୟକ ସଦାଶିବ ପ୍ରଧାନୀ ଓ ଅନ୍ୟମାନେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### କୀଟନାଶକ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୨୬।୧୨(ସ୍ୱ.ପ୍ର): ଗଜପତି ଜଲା ଗୁରାଣ୍ଡି ଥାନା ଅଧୀନ ବାଘଶାଳା ପଞ୍ଚାୟତ ସଦରରେ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗଣେଶ ଜେନା(୬୫)। ଘଟଣାରୁ ପ୍ରକାଶ ଯେ, ବୁଧବାର ଅପରାହ୍ଣରେ ସେ କୌଣସି କାରଣରୁ କୀଟନାଶକ ପିଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ଜାଣିପାରି ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି। ଏ ନେଇ ଗୁରାଣ୍ଡି ଥନା ନଂ-୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଏଏସ୍ଆଇ ଅଭିମନ୍ୟୁ ପଲେଇ କହିଛନ୍ତି।

### ସୂର୍ଯ୍ୟୋପରାଗ ପାଇଁ ଦୋକାନ ବଜାର ବନ୍ଦ

ପାରଳାଖେମୁଣ୍ଡି,(ସ୍ୱ.ପ୍ର) : ସୂର୍ଯ୍ୟୋପରାଗ ଯୋଗୁ ଗୁରୁବାର ପାରଳାଖେମୁଣ୍ଡି ସହରର ଅନେକ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା। ସହରର ଦୈନିକ ବଜାର ବନ୍ଦ ରହିବା ସହ କେତେକ ବସ୍ ମଧ ଚଳାଚଳ କରି ନ ଥିଲା। ଯଦ୍ୱାରା ଯାତ୍ରୀ ଦୀର୍ଘ ସମୟ ଧରି ବସ୍ଷ୍ଟାଣ୍ଡଠାରେ ଅପେକ୍ଷା କରିବା ଦେଖିବାକୁ ମିଳିଥିଲା। ସୂର୍ଯ୍ୟୋପରାଗରେ ବିଶ୍ୱାସ କରୁଥିବା ଲୋକେ ବାହାରକୁ ନ ବାହାରି ଘରେ ରହିଥିଲେ। ସୂର୍ଯ୍ୟୋପରାଗ ମୋକ୍ଷ ହେବାପରେ ପୁଣି ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ମେଘୁଆ ପାଗ ଯୋଗୁ ବିରଳ ସୂର୍ଯ୍ୟୋପରାଗର ଦୃଶ୍ୟ ଦେଖିବାକୁ ମିଳି ନ ଥିଲା।

### ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ

ଗୁଣପୁର,୨୬।୧୨(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର ସହର ଏବଂ ଏହାର ଆଖାପାଖ ଅଞ୍ଚଳରେ ଗୁରୁବାର ଦିନ ତମାମ ଝିପିଝିପି ବର୍ଷା ଲାଗି ରହିଥିଲା । ଏହି ଅଦିନିଆ ବର୍ଷା ଯୋଗୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ବର୍ତ୍ତମାନ ଧାନକଟା ସହ କପା ଅମଳ ଚାଲିଛି। ମଣ୍ଡି ଏବଂ ଖଳାରେ ଧାନ ପଡି ରହିଛି । ଏହାର ପ୍ରଭାବ ଧାନ ଏବଂ କପା ଉପରେ ପଡିବା ଆଶଙ୍କା ସୃଷ୍ଟି କରିଛି । କେତେକ ସ୍ଥାନରେ ଚାଷୀମାନେ ଧାନ ଗୁଡିକ ପାଲ ଘୋଡାଇ ରଖିଥିବା ଦେଖିବାକୁ ମିଳିଛି ।

### ଘରେ ପଶିଲା ଟ୍ରକ୍

କୋଲନରା,୨୬।୧୨(ଡି.ଏନ୍.ଏ.): ରାୟଗଡା ଜିଲା କୋଲନରା ବ୍ଲକ ଥେରୁବାଲିଠାରେ ଥିବା ଏକ ଘରେ ଟ୍ରକ ଭାରସାମ୍ୟ ହରାଇ ପଶିଯାଇଛି। ଫଳରେ ଉତ୍ତମ ଦତ୍ତଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଅନନ୍ତ ମଣ୍ଡଳଙ୍କ ଘର ଫାଟିଯାଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । ଗୁରୁବାର ଅପରାହ୍ଣ ୨ଟାରେ ଉକ୍ତ ଟ୍ରକ ଖେଦାପଡା ଗାଁରୁ ଇମ୍ଫା କମ୍ପାନୀକୁ ଜିନିଷ ଆଣିବା ପାଇଁ ଯାଉଥିଲା । ଡି.ପି. କ୍ୟାମ୍ପ ନିକଟସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ରାସ୍ତା ସମ୍ମୁଖରେ ଥିବା ଏକ ଘରେ ଭାରସାମ୍ୟ ହରାଇ ପଶି ଯାଇଥିଲା । ଖବରପାଇ ଥେରୁବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

### ଟ୍ରକ୍ ଧକ୍କାରେ ବୃଦ୍ଧ ଆହତ



ବିଷମକଟକ,୨୬।୧୨(ଡ଼ି.ଏନ.ଏ): ବିଷମକଟକସ୍ଥିତ ହାଜାରିଡାଙ୍ଗ ଛଟ ନିକଟରେ ଏକ ଟ୍ରକ ଗାଡି ଧକ୍କାରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି । ସେ ହେଲେ ଗ୍ରାମର ଯୋଗେଶ୍ୱର ବାଘ(୬୦) । ପୋଲିସ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି । ଯୋଗେଶ୍ୱର ସାଇକେଲ ଯୋଗେ ହାଜାରିଡାଙ୍ଗ ଯାଉଥିବା ବେଳେ ପଛ ପଟରୁ ଏକ ଟ୍ରକ ତାଙ୍କୁ ଧକ୍କା ଦେବାରୁ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସେହି ସମୟରେ ଉକ୍ତ ରାସ୍ତା ଦେଇ ବିଷମକଟକ ଥାନା ସେକେଣ୍ଡ ଅଫିସର ଉଲ୍ଲାସ ରାଉତ, କର୍ମଚାରୀ ଗୌରୀଶଙ୍କର ସାହୁ ଏବଂ ବିନୋଦଭାତ୍ରା ଯାଉଥିବା ବେଳେ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ।

# ମିଲର ନ ଆସିବାରୁ ଚାଷୀଙ୍କ ରାସ୍ତାରୋକୋ

କଲ୍ୟାଣସିଂହପୁର, ୨୬।୧୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଲ୍ୟାମ୍ପ୍ସ ଅଧୀନ ବୁଢ଼ାଗୁଡା ଆର୍ଏମ୍ସି ୟାର୍ଡରେ ମିଲର ନ ଆସିବାରୁ ଗୁରୁବାର ଚାଷୀମାନେ ରାସ୍ତାରୋକୋ କରିଥିଲେ । ଖବରପାଇ ଥାନା ଇନ୍ସପେକ୍ଟର କୃତ୍ତିବାସ ହରିଚନ୍ଦନ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ମିଲରମାନେ ଆସି ପହଞ୍ଚିବା ପରେ ଚାଷୀମାନେ ଶାନ୍ତ ପଡ଼ିଥିଲେ ।

ଶିକରପାଇ, ସେରିଗୁମ୍ମା, କରପା, ବୁଢ଼ାଗୁଡା, ନାରାୟଣପୁର ପଞ୍ଚାୟତର ଚାଷୀମାନେ ବୁଧବାରଠାରୁ ଧାନ ଆଣି ଆର୍ଏମ୍ସି ୟାର୍ଡ଼ରେ ଗଦା କରିଥିଲେ । ଚାଷୀମାନେ ୧୫,୦୦୦ ବସ୍ତାରୁ ଅଧିକ ଧାନ ଆଣି ରଖିଛନ୍ତି । ଗୁରୁବାର ସକାଳେ କୁହୁଡିଆ ପାଗ ସହ ବର୍ଷା ଆରମ୍ଭ ହୋଇଥିଲା । ଫଳରେ ଚାଷୀମାନେ ନିଜ ଚେଷ୍ଟାରେ ପାଲ ଆଣି ଧାନ ବସ୍ତା ସବୁ ଘୋଡାଇ ରଖିଥିଲେ।



ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

ହେଲେ ଆର୍ଏମ୍ସିର କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା । ପରେ ଚାଷୀ ସବ୍କଲେକ୍ଟର ପ୍ରତାପ ଚନ୍ଦ୍ର ପ୍ରଧାନ, ଆଦିବାସୀ ଅନୁସୂଚିତ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ଯୋଗାଣ ଅଧିକାରୀ ବ୍ରଜସୁନ୍ଦର ନାଏକଙ୍କୁ ଜଣାଇଥିଲେ। ୧ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରିବା ନେଇ ଉପଜିଲାପାଳ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚାଷୀମାନେ ବହୁ ସମୟ ଅପେକ୍ଷା କରିବା ପରେ ମଧ୍ୟ କେହି ଆସି ନ ଥିଲେ । ଏଥିରେ କ୍ଷୁବ୍ଧ ହୋଇ ଚାଷୀମାନେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀମାନଙ୍କୁ ବୁଝାଶୁଝା କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲା । ପରେ ରାୟଗଡ଼ା ତଥା ବ୍ଲକ ମିଲରମାନେ ଆସି ଚାଷୀଙ୍କଠାରୁ ଧାନ କ୍ରୟ କିଣିଥିଲେ।

## ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

ବିଷମକଟକ/ଗୁଣପୁର, ୨୬।୧୨(ଡି.ଏନ.ଏ)

ରାୟଗଡା ଜିଲା ବିଷମକଟକ ସଦର ମହକୁମାର ବିଜୁ କଲ୍ୟାଣ ମଣ୍ଡପ ପରିସରରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁନା ଓଡିଶା ଗଠନ ଲକ୍ଷ୍ୟ ନେଇ ଦଳର ସଭାପତି ନିରବଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି । ଲୋକଙ୍କ ପାଖକୁ ଯାଇ ସମସ୍ୟା ବୁଝିବା ସହ ସରକାରୀ ଯୋଜନା ସବୁ ସେମାନଙ୍କ ନିକଟରେ ପହଞ୍ଚିଛି କି ନାହିଁ ବୁଝିବା ଲାଗି କର୍ମୀମାନଙ୍କୁ ଅବଗତ କରିଥିଲେ । ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ, ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା, ବ୍ଲକ ଅଧ୍ୟକ୍ଷା ବିଜୟ ଶାନ୍ତି କୁମୁରିକା, ପୂର୍ବତନ ଏସ୍ଡିସି ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା, ବିଜେଡି କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବି.ତିରୁପତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପ୍ରଥମେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅତିଥିମାନେ କହିଥିଲେ । ଦଳର ଡି.ଶିବପ୍ରସାଦ, ରବୀନ୍ଦ୍ରନାଥ ପଣ୍ଡା, ଦେବୀ ପ୍ରସାଦ ପଟ୍ଟନାୟକ, ପୃଥ୍ୱୀରାଜ ସାହୁ, ତ୍ରିନାଥ ଗୌଡ, ଜ୍ୟୋତିପ୍ରସାଦ ସାହୁ, ବାବୁନୁ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ମୁନିଗୁଡା, କଲ୍ୟାଣସିଂପୁର, କୋଲନରା ଏବଂ ବିଷମକଟକ ବ୍ଲକର ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। ସେହିପରି ଗୁଣପୁରଠାରେ ପାଳିତ ହୋଇଥିଲା ବିଜେଡିର ପ୍ରତିଷ୍ଠା ଦିବସ । ନୂତନ ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳୀୟ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିବାସହ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ, ଗୋଦାବରୀ ରାଉତ, ଗଗନ ଆଚାର୍ଯ୍ୟ, ମୁନା ପାଣି, ପିଙ୍କୁ ପଣ୍ଡା, ଗୁଣପୁର ବ୍ଲକ ଅଧ୍ୟକ୍ଷ ଦେବକୀ ଗମାଙ୍ଗ, ଦେବୀ ଆଚାର୍ଯ୍ୟଙ୍କ ସମେତ ବହୁବରିଷ୍ଠ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ ।



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିବା ଦଳୀୟ ନେତା,କର୍ମୀମାନେ ।

### ବଳାତ୍କାର ଭିଡିଓ ଭାଇରାଲ, ୩ ଅଟକ

କବିସୂର୍ଯ୍ୟନଗର,୨୬।୧୨

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରେ ପୁଣି ଲଜ୍ଜା। ୩ ଜଣ ସାଙ୍ଗ ମିଶି ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ୩ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି। ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତିନିଜଣ ମିଶି ଏକ ଭଡ଼ାଘରେ ବଳାତ୍କାର କରୁଥିବା ଭିଡିଓ ଗତ ୧୦ଦିନ ତଳେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଛାତ୍ରୀଙ୍କ ଜଣେ ସମ୍ପର୍କୀୟ ଭିଡିଓଟି ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ଗାୟତ୍ରୀ ପରିବାର ତରଫରୁ ପ୍ରବଚନ କାର୍ଯ୍ୟକ୍ରମ

ପଦ୍ମପୁର, ୨୫।୧୨ (ଡି.ଏନ୍.ଏ.):

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପଦ୍ମପୁର ଶାଖା ତରଫରୁ ପଦ୍ମପୁର ସହରର ଐତିହାସିକ ସମ୍ପନ୍ନ ଯୁଗୋଳ କିଶୋର ମହାପ୍ରଭୁଙ୍କ ମଠ ଦୋଳମଣ୍ଡପଠାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହା ଉପଲକ୍ଷେ ବୁଧବାର ସକାଳେ ନଗର ପରିକ୍ରମା ସହ ପ୍ରଜ୍ଞାପନ ମେଢ଼ ଓ କଳସ ଯାତ୍ରା କରାଯାଇଥିଲା। ସନ୍ଧ୍ୟାରେ ପ୍ରଜ୍ଞାପୁରାଣ ଓଡ଼ିଶାର ଗାୟତ୍ରୀ ସାଧକ ମୀନକେତନ ପାତ୍ର ପ୍ରବଚନ ଦେଇଥିଲେ। ପ୍ରତ୍ୟେକ ଦିନ ଗାୟତ୍ରୀ ମହାଯଜ୍ଞ, ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମକୁ ଶହ ଶହ ଶ୍ରଦ୍ଧାଳୁ ଉପଭୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଛନ୍ତି।



## ଚାଲିଗଲେ ଅଜା, ଏକା ହୋଇଗଲେ ଚନ୍ଦନ

ଜୟପୁର,୨୬।୧୨(ଡି.ଏନ୍.ଏ.)

ମାତ୍ର ୨ ବର୍ଷ ହୋଇଥିବା ବେଳେ ଅଜା ପାଖରେ ରହିଆସୁଥିଲା ଚନ୍ଦନ ପରଜା। କିନ୍ତୁ ଗତ ସୋମବାର ହଠାତ୍ ଅଜାଙ୍କ ମୃତ୍ୟୁ ପରେ ଏକା ଓ ଅସହାୟ ହୋଇପଡ଼ିଛି ୫ ବର୍ଷର ଏହି ନାବାଳକ। ବର୍ତ୍ତମାନ ସେ କାହା ପାଖରେ ରହିବ, କ'ଣ ଖାଇବ, ତାହାର ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଗ୍ରାମବାସୀ।

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ମହୁଲି ପଞ୍ଚାୟତ କୁମ୍ଭାରଗୁଡ଼ା ଗ୍ରାମର ମା' ଡମୁଣୀ ପରଜାଙ୍କ ପୁଅ ଚନ୍ଦନ। ଛୁଆକୁ ଛାଡ଼ିଦେଇ ଡମୁଣୀ ୩ ବର୍ଷ ତଳୁ ହାଇଦ୍ରାବାଦକୁ କାମ କରିବା ପାଇଁ ଯାଇଥିଲେ। ସେବେଠାରୁ ଆଉ ଘରକୁ ଫେରିନାହାନ୍ତି। ତାଙ୍କର ଖୋଜ ଖବର ନାହିଁ। ବାପାଙ୍କର ତ ପୂର୍ବରୁ କିଛି ଖବର ନ ଥିଲା। ତେଣୁ ଅଜା ବୁଟି ପରଜା (୬୫)ଙ୍କ ପାଖରେ ନାବାଳକ ଚନ୍ଦନ ରହିଆସୁଥିଲା। କିଛି ମାସ ତଳେ ବୁଟି ଅସୁସ୍ଥ ହେବା ପରେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଶେଷରେ ଗତ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକ ପରେ ଅଜାଙ୍କ ଭଙ୍ଗାରୁଜା ଘରେ ରହୁଛି ଚନ୍ଦନ। ଗ୍ରାମର କେତେକ ବ୍ୟକ୍ତି ତାକୁ ଖାଇବାକୁ ଦେଉଛନ୍ତି। ଚନ୍ଦନର ୧୬ ବର୍ଷୀୟ ଜଣେ ମାମୁ ଅଛନ୍ତି ଯିଏ ଅନ୍ୟ ପାଖରେ କୁଲି କାମ କରି ଚଳୁଛନ୍ତି। ତେଣୁ ଚନ୍ଦନଙ୍କ ଭରଣପୋଷଣ କିଏ କରିବ, ତାହା ଏବେ ବଡ଼ ପ୍ରଶ୍ନ। କୌଣସି ଅନୁଷ୍ଠାନ କିମ୍ବା ପ୍ରଶାସନ ଚନ୍ଦନଙ୍କ ଶିକ୍ଷା ଓ ଗୁଜୁରାଣ ଦାୟିତ୍ୱ ନେବା ପାଇଁ ଗ୍ରାମର କେଦାରଗୌରୀ ଦାଶ, ସୁନା ପରଜା, ଜଗା ପରଜା, ପୂର୍ଣ୍ଣ ପରଜା ନିବେଦନ କରିଛନ୍ତି। ଏନେଇ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଚାଇଲ୍ଡ ଲାଇନ କର୍ମଚାରୀ ଶୁକ୍ରବାର ଉକ୍ତ ଗାଁକୁ ଯାଇ ନାବାଳକଙ୍କୁ ଉଦ୍ଧା କରିବେ। ଏହାପରେ ତାଙ୍କର ସମସ୍ତ ବ୍ୟବସ୍ଥା ପ୍ରଶାସନ କରିବ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ: ପଡ଼ୋଶୀ ଅଟକ

ପାରଳାଖେମୁଣ୍ଡି,୨୬।୧୨(ସ୍ୱ.ପ୍ର)

ଗଜପତି ଜିଲା ଗାରାବନ୍ଧ ଥାନା ଅଧୀନ କଇଁପୁର ଗ୍ରାମରେ ଜଣେ ମହିଳା(୧୯)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ପ୍ରକାରେ, ବୁଧବାର ରାତି ୧୧ଟାରେ ମହିଳା କୌଣସି କାମରେ ବାହାରକୁ ଯାଇଥିବାବେଳେ ପଡ଼ୋଶୀ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ ସେ ଗୁରୁବାର ଗାରାବନ୍ଧ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ପଡ଼ୋଶୀ ଯୁବକଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ଏ ନେଇ ଥାନା ନଂ-୧୦୧/୧୯ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଅଟକ ଯୁବକଙ୍କୁ ଡାକ୍ତରୀ ମାଇନା ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

■ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

## କଟକ ଗସ୍ତରେ ଗଜପତିର ୩୦ ଖେଳାଳି




କଟକ ଗସ୍ତ ପୂର୍ବରୁ ପାରଳାଖେମୁଣ୍ଡି ରେଳଷ୍ଟେଶନରେ ଖେଳାଳି ଓ ଅଧିକାରୀମାନେ।

ପାରଳାଖେମୁଣ୍ଡି,୨୬।୧୨(ସ୍ୱ.ପ୍ର):

କଟକ ବାରବାଟୀ ଷ୍ଟାଡିୟମ୍ଠାରେ ଡିସେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଗଜପତି ଜିଲାର ୩୦ ଖେଳାଳି ଗୁରୁବାର କଟକ ଯାତ୍ରା କରିଛନ୍ତି। ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ଖେଳାଳିଙ୍କୁ ଚୟନ କରାଯାଇଛି। ଏଥିରେ ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ୍ ବୟସର ଉଭୟ ବାଳିକା ଏବଂ ବାଳକ ବିଭାଗ ପ୍ରତିଯୋଗିତା ପାଇଁ ଖେଳାଳି ରହିଛନ୍ତି। ଏମାନେ ୧୦୦ମିଟର ଦୌଡ଼, ୨୦୦ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ଫ ଡିଆଁ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ ସୂଚନା ଦେଇଛନ୍ତି। ଖେଳାଳୀଙ୍କ ସହ ବାସୁଦେବ ରେଡ୍ଡୀ, ଜି. ମିସାଲ୍ ଗୁନ୍ନେୟା, ପି.କେ କୁଡ଼େଇ କଟକ ଗସ୍ତ କରିଛନ୍ତି।

## ବିଜେଡିର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତାମାନେ ।

ପାରଳାଖେମୁଣ୍ଡି,୨୬।୧୨(ସ୍ୱ.ପ୍ର)

ଗଜପତି ଜିଲା ବିଜେଡି ପକ୍ଷରୁ ଗୁରୁବାର ୨୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ସ୍ଥାନୀୟ ହାଇସ୍କୁଲ ଛକସ୍ଥିତ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଗୁଣ୍ଡିଚା ପଡ଼ିଆଠାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ପ୍ରଦୀପ କୁମାର ନାୟକ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କରି ବିଜୁ ବାବୁଙ୍କ ଆଦର୍ଶ ଏବଂ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣୀତ ହୋଇ ରାଜ୍ୟବାସୀ ଲଗାତାର ଦଳକୁ ବିଶ୍ୱାସ କରିଆସିଛନ୍ତି। ଏହାକୁ ପାଥେୟ କରି କର୍ମୀମାନେ ଏକତ୍ରିତ ହୋଇ ସଙ୍ଗଠନ ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ପୁର୍ବତନ ଜିଲା ସଭାପତି ବସନ୍ତ ଦାସ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ପି. ପ୍ରସାଦଙ୍କ ସମେତ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ତାଡିଲେ ଚାଷୀ, ଲ୍ୟାମ୍ପ ଅଧ୍ୟକ୍ଷଙ୍କ ସହ ଧସ୍ତାଧସ୍ତି

ପାଣ୍ଡ୍ରିପାଣି,୨୬।୧୨ (ଡି.ଏନ୍.ଏ.):

ମାଲକାନଗିରି ଜିଲା ପାଣ୍ଡ୍ରିପାଣିର ସେରପାଲି ପଞ୍ଚାୟତରେ ହୋଇଥିବା ଧାନମଣ୍ଡିରେ ବିଭିନ୍ନ ସମସ୍ୟା ଓ ଦଲାଲଙ୍କ ଶୋଷଣ ଯୋଗୁ ଚାଷୀଙ୍କ ମଧ୍ୟରେ ଅଶାନ୍ତି ଦେଖାଯାଇଛି। ପ୍ରତି ସପ୍ତାହରେ ଥରେ ଏହି ମଣ୍ଡିରେ ଧାନ କ୍ରୟ କରାଯାଉଛି। ତେବେ ନାମ ପଞ୍ଜୀକରଣ କରିଥିବା ଅନେକ ଚାଷୀ ଟୋକନ ନ ପାଇ ଗୁରୁବାର ମଣ୍ଡିକୁ ଆସି ଲ୍ୟାମ୍ପ କର୍ମଚାରୀ ଓ ଲ୍ୟାମ୍ପ ଅଧ୍ୟକ୍ଷଙ୍କୁ ଘେରାଉ କରିଥିଲେ। ତାଙ୍କୁ ଟୋକନ ବିଷୟରେ ପଚାରିବାରୁ ସେ ଜାଣି ନ ଥିବା କହିବାରୁ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଠେଲାପେଲା କରିଥିଲେ। ସେଠାରେ ଅଧ୍ୟକ୍ଷଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଆମ ଧାନ ଯଦି ଲ୍ୟାମ୍ପ କିମ୍ବା ମିଲରମାନେ ଉଠାଇବେ ନାହିଁ ତାହାହେଲେ ଆମେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ଦଶରଥ ଡୁରୁକା କହିଛନ୍ତି ଯେ, ଗତ ବର୍ଷ ପରି ଚଳିତବର୍ଷ ମଧ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦଲାଲମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ନ ନେଇ ଚୁପ୍ ରହିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ଲୋକଙ୍କ ମୁହଁରେ ହସ ଫୁଟାଇଛି ବିଜେଡି

ରାୟଗଡ଼ା ଅଫିସ ,୨୬।୧୨

ସ୍ଥାନୀୟ ବସଷ୍ଟାଣ୍ଡଠାରେ ଗୁରୁବାର ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ଜିଲା ବିଜେଡି ସଭାପତି ଲାଲବିହାରୀ ହିମିରିକା ଅଧ୍ୟକ୍ଷତା କରି ସରକାର ଅନେକ ସଫଳ ଯୋଜନା କରି ଲୋକଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି ବୋଲି କହିଥିଲେ। ପୂର୍ବତନ ଏମ୍ପି ଝିନ୍ନ ହିକ୍କା, ବିଜେଡ଼ିର ରାଜ୍ୟ ସମ୍ପାଦକ ଜଗଦୀଶ ପାତ୍ର, ପୂର୍ବତନ ବିଧାୟକ ବିଭୀଷଣ ମାଝି , ପୂର୍ବତନ ଉପାଧ୍ୟକ୍ଷ ଡ଼. ନିରନ ବକ୍ସିପାତ୍ର, ବ୍ରଜସୁନ୍ଦର ନାୟକ, ବ୍ଲକ ଚେୟାରମ୍ୟାନ ପେଦେଣ୍ଡି ରାମୁଲୁ, ବିନାୟକ କର ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରତିଷ୍ଠା ଦିବସରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅନ୍ୟମାନେ ।

ଦଳ କିପରି ସୁଦୃଢ଼ ହେବ ସେନେଇ ଆଲୋଚନା କରିଥିଲେ । ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ସହ ବୃଦ୍ଧାଶ୍ରମ ଏବଂ ଅରଫାନ ସୋସାଇଟିରେ ଶୀତ ବସ୍ତ୍ର, ମେଡ଼ିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ ।